# NATIONAL NEWS BULLETIN (ODIA)

## 13th July - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ।

— ଭୁବନେଶ୍ୱର ଓ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

- ରାଜ୍ୟସଭାକୁ ମନୋନୀତ ହୋଇଥିବା ୪ ଜଣ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ।

- ବିଦେଶ ରାଷ୍ଟ୍ରଗୁଡ଼ିକରେ ବ୍ରହ୍ମୋଶ କ୍ଷେପଣାସ୍ତ୍ରର ଚାହିଦା ବୃଦ୍ଧି ପାଇଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାର ଯୋଗାଇଦେବା ଉପରେ କୃଷିମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

ଏବଂ

- ଲର୍ଡ଼ସ ଟେଷ୍ଟର ଚତୁର୍ଥ ଦିନରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ବର୍ତ୍ତମାନ ସୁଦ୍ଧା ୪ ଓ୍ୱିକେଟ୍ ବିନିମୟରେ କରିଛି ୧୩୫ ରନ୍ ।

## ପ୍ରେଜ୍ - ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ- ଏମ୍‌ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ସେ ସେଠାରେ ୩୧ ଜଣଙ୍କୁ ସ୍ୱର୍ଣ୍ଣପଦକ ଏବଂ ୬୪୩ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ । ମଙ୍ଗଳବାର ଦିନ ପୂର୍ବାହ୍ନରେ ଶ୍ରୀମତୀ ମୁର୍ମୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେହିଦିନ କଟକଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ସାରଳା ଦାସଙ୍କ ଛଅଶହତମ ଜୟନ୍ତୀରେ ଯୋଗଦେବା ସହ କଳିଙ୍ଗରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବେ । ବିଭିନ୍ନ କାର୍ଯ୍ୟକ୍ରମ ଶେଷକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମଙ୍ଗଳବାର ଦିନ ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

# ପ୍ରେଜ୍ ନୋମିନେସନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’ ରାଜ୍ୟସଭାକୁ ବିଶିଷ୍ଟ ଆଇନ ବିଶାରଦ ଉଜ୍ଜ୍ୱଳ ଦେଓରାଓ ନିକମ୍, ସାମାଜିକ କର୍ମୀ ସି. ସଦାନନ୍ଦନ ମାଷ୍ଟର, ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ଐତିହାସିକ ତଥା ଶିକ୍ଷାବିତ୍ ଡକ୍ଟର ମୀନାକ୍ଷୀ ଜୈନଙ୍କୁ ମନୋନୀତ କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଛି । ଏ ସମ୍ପର୍କରେ ଏକ ରିପୋର୍ଟ :

*ମହାରାଷ୍ଟ୍ର ବାସିନ୍ଦା ଉଜ୍ଜ୍ୱଳ ଦେଓରାଓ ନିକମ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ମାମଲାରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିଛନ୍ତି । ସେହିପରି କେରଳର ସଦାନନ୍ଦନ ମାଷ୍ଟରଙ୍କର ଶିକ୍ଷାକ୍ଷେତ୍ରରେ ଦୀର୍ଘଦିନର ଅଭିଜ୍ଞତା ରହିଛି । ସେ ରାଜନୈତିକ ହିଂସାର ଶିକାର ହୋଇ ନିଜର ଦୁଇ ଗୋଡ଼ ହରାଇଛନ୍ତି । ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା’ ଯୁକ୍ତରାଷ୍ଟ୍ର ଆମେରିକା, ବାଂଲାଦେଶ, ଥାଇଲାଣ୍ଡରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ ତୁଲାଇଛନ୍ତି । ସେ ମଧ୍ୟ ୨୦୨୩ ମସିହାରେ G-20 ଅଧ୍ୟକ୍ଷତା ସମୟରେ ମୁଖ୍ୟ ସମନ୍ୱୟକାରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ଡକ୍ଟର ଜୈନ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଗାର୍ଗି କଲେଜରେ ଇତିହାସ ବିଭାଗର ସହ-ପ୍ରଧାପକ ଥିଲେ । କଳା, ସାହିତ୍ୟ, ବିଜ୍ଞାନ ଏବଂ ସାମାଜିକ ସେବାରେ ଅବଦାନ ରହିଥିବା ୧୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିବାର ସାମ୍ବିଧାନିକ ବ୍ୟବସ୍ଥା ରହିଛି ।*

*ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାକୁ ମନୋନୀତ ହୋଇଥିବା ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଉଜ୍ଜ୍ୱଳ ନିକମଙ୍କର ଆଇନକ୍ଷେତ୍ର ଏବଂ ସମ୍ବିଧାନ ପ୍ରତି ଥିବା ନିଷ୍ଠା ଅନୁକରଣୀୟ। ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା କୂଟନୀତି, ବୁଦ୍ଧିଜୀବୀ ଏବଂ ରଣନୈତିକ କ୍ଷେତରେ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି। ସେ କହିଛନ୍ତି, ଶ୍ରୀ ଶ୍ରୀଙ୍ଗଲାଙ୍କ ଭାରତର ବୈଦେଶିକ ନୀତିରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିବାବେଳେ ଭାରତର ଜି-୨୦ ଅଧ୍ୟକ୍ଷତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଶ୍ରୀ ସଦାନନ୍ଦଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଜୀବନ ଅନ୍ୟାୟ ବିରୋଧରେ ଅଦମ୍ୟ ସାହସ ଓ ସଂଘର୍ଷର ଉଦାହରଣ। ମିନାକ୍ଷୀ ଜୈନ ଜଣେ ବିଦ୍ୱାନ, ଗବେଷକ ଏବଂ ଐତିହାସିକ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।*

*ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ପ୍ରଜ୍ଞା ପରିମିତା ଜେନା ।*

## ରାଜନାଥ - ବ୍ରହ୍ମୋଶ ମିସାଇଲ୍ସ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ସମୟରେ ବ୍ରହ୍ମୋଶ କ୍ଷେପଣାସ୍ତ୍ର ଉଲ୍ଲେଖନୀୟ କାର୍ଯ୍ୟ କରିଛି । ଅପରେସନ୍ ସିନ୍ଦୂର ପରେ ବିଦେଶ ରାଷ୍ଟ୍ରଗୁଡ଼ିକରେ ବ୍ରହ୍ମୋଶ କ୍ଷେପଣାସ୍ତ୍ରର ଚାହିଦା ବୃଦ୍ଧି

ପାଇଛି । ନିଜ ସଂସଦୀୟ ନିର୍ବାଚନମଣ୍ଡଳୀ ଲକ୍ଷ୍ନୌକୁ ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିବସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ଇତିମଧ୍ୟରେ ୧୪ଟି ରାଷ୍ଟ୍ର ବ୍ରହ୍ମୋଶ କ୍ଷେପଣାସ୍ତ୍ର କ୍ରୟ ନିମନ୍ତେ ଭାରତକୁ ପ୍ରସ୍ତାବ ଦେଇଛନ୍ତି । ଲକ୍ଷ୍ନୌରୁ ଏହି କ୍ଷେପଣାସ୍ତ୍ରକୁ ବିଦେଶକୁ ରପ୍ତାନୀ କରାଯିବ ବୋଲି ସେ କହିଛନ୍ତି । ଫଳରେ ଉତ୍ତର ପ୍ରଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଏହା ସହାୟକ ହେବ ।

***Voice (Rajnath - Brahmos)*** :........

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାରକୁ ପ୍ରଶଂସା କରି ଶ୍ରୀ ସିଂହ କହିଛନ୍ତି, ଉତ୍ତର ପ୍ରଦେଶ ଏବେ ଆଇନଶୃଙ୍ଖଳା ପାଇଁ ସମଗ୍ର ଦେଶରେ ନିଜର ପରିଚୟ ସୃଷ୍ଟି କରିପାରିଛି । ଯୋଗୀ ଆଦିତ୍ୟନାଥଙ୍କ ସରକାର ରାଜ୍ୟର ବିକାଶ ଦିଗରେ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ସେହିପରି ଦେଶର ବିକାଶ କ୍ଷେତ୍ରରେ ମଧ୍ୟ ଉତ୍ତର ପ୍ରଦେଶର ଅବଦାନ ବୃଦ୍ଧି ପାଇଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ସେଣ୍ଟର - ଫର୍ଟିଲାଇଜର୍

କେନ୍ଦ୍ର ସରକାର' ନକଲି ଏବଂ ନିମ୍ନମାନର ସାର ବିକ୍ରି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ

ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କୁ ଏନେଇ ଚିଠି ଲେଖିଛନ୍ତି । ସମଗ୍ର ଦେଶରେ ନକଲି ସାର ବିକ୍ରି, ରିହାତିଯୁକ୍ତ ସାରର କଳାବଜାରୀ ଏବଂ ବାଧ୍ୟତାମୂଳକ ଟ୍ୟାଗିଂ ଭଳି ବେଆଇନ କାର୍ଯ୍ୟକଳାପକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଏହି ଚିଠି ଲେଖାଯାଇଛି । ଶ୍ରୀ ଚୌହାନ୍ କହିଛନ୍ତି, କୃଷି ହେଉଛି ଭାରତ ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକଙ୍କ ଆୟରେ ସ୍ଥିରତା ସୁନିଶ୍ଚିତ କରିବାପାଇଁ ସେମାନଙ୍କୁ ସଠିକ୍ ସମୟ ଏବଂ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାର ଯୋଗାଇଦେବା ଅତ୍ୟନ୍ତ ଜରୁରୀ । ଶ୍ରୀ ଚୌହାନ କହିଛନ୍ତି, ଆବଶ୍ୟକସ୍ଥଳେ ସାରର ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧତା ସୁନିଶ୍ଚିତ କରିବା ହେଉଛି ରାଜ୍ୟଗୁଡ଼ିକର ଦାୟିତ୍ୱ । ଏନେଇ ଶ୍ରୀ ଚୌହାନ ରାଜ୍ୟଗୁଡ଼ିକୁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ବିଶେଷକରି କଳାବଜାରୀମାନଙ୍କର ଲାଇସେନ୍ସ ବାତିଲ ସହିତ ଦୋଷୀଙ୍କ ବିରୋଧରେ ଏତଲା ରୁଜୁ କରିବା ଉପରେ ଶ୍ରୀ ଚୌହାନ୍ ଗୁରୁତ୍ୱାରୋପ କରିଛନ୍ତି ।

## ପି.ଏମ୍. - କଣ୍ଡୋଲେନ୍ସ

ବିଶିଷ୍ଟ ତେଲୁଗୁ ଚଳଚ୍ଚିତ୍ର ଅଭିନେତା କୋଟା ଶ୍ରୀନିବାସ ରାଓଙ୍କର ଆଜି ହାଇଦ୍ରାବାଦସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ରାଓ ୭୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ

ଭାଷାଭାଷୀ ଚଳଚ୍ଚିତ୍ରରେ ଅଭିନୟ କରି ନିଜସ୍ୱ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଟା ଶ୍ରୀନିବାସ ରାଓଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ଏକ ବାର୍ତ୍ତାରେ କହିଛନ୍ତି, ଚଳଚ୍ଚିତ୍ର ଜଗତରେ ରହିଥିବା ତାଙ୍କର ଅବଦାନ ସବୁଦିନପାଇଁ ସ୍ମରଣୀୟ ହୋଇ ରହିବ । ସେହିପରି ସମାଜସେବା, ଦୁଃସ୍ଥ ଓ ଅବହେଳିତ ବର୍ଗର ଲୋକଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରି ସେ ପ୍ରଶଂସାର ପାତ୍ର ହୋଇପାରିଥିଲେ ।

## ଗୋଆ - ଆଇ.ଆଇ.ଟି.

ଗୋଆର ପୋଣ୍ଡାସ୍ଥିତ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ- ଆଇ.ଆଇ.ଟି. ରାଜୀବ ଗାନ୍ଧି କଳାମନ୍ଦିରରେ ଆୟୋଜିତ ଷଷ୍ଠ ସମାବର୍ତ୍ତନ ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ସମାରୋହକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ କହିଛନ୍ତି, ଗୋଆର ଦ୍ରୁତ ପ୍ରଗତି ଦିଗରେ ଡିଗ୍ରୀଧାରୀ ଇଞ୍ଜିନିୟରମାନଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ୧୪୫ ଜଣଙ୍କୁ ବି.ଟେକ୍., ୧୩ ଜଣଙ୍କୁ ଏମ୍.ଟେକ୍. ଏବଂ ୧୫ ଜଣ ପିଏଚ୍.ଡି. ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ

କରାଯାଇଛି । ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ କହିଛନ୍ତି, ଦେଶର ବିକାଶ ଦିଗରେ ଆଇ.ଆଇ.ଟି. ସଂସ୍ଥାନଗୁଡ଼ିକର ଉଲ୍ଲେଖନୀୟ ଅବଦାନ ରହିଛି । ଆଧୁନିକ ଭାରତର ନିର୍ମାଣ ଦିଗରେ ମଧ୍ୟ ଇଞ୍ଜିନିୟରମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିବା ଶ୍ରୀ ସାୱନ୍ତ କହିଛନ୍ତି । ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ଭାରତର ଅଭିଯାନ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ୨୦୩୭ ମସିହା ସୁଦ୍ଧା ଗୋଆ ଏକ ବିକଶିତ ରାଜ୍ୟରେ ପରିଣତ ହେବା ଲାଗି ସେ ଆଶା ପୋଷଣ କରିଛନ୍ତି ।

## ରେଲ୍ୱେ - ସି.ସି.ଟି.ଭି. କ୍ୟାମେରା

ଯାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ରେଳ ବିଭାଗ ପକ୍ଷରୁ ସମସ୍ତ କୋଚ୍‌ରେ ସି.ସି.ଟି.ଭି. କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତି ସିଂହ ବିଟ୍ଟୁ ରେଳ ଇଞ୍ଜିନ୍ ଏବଂ କୋଚ୍‌ରେ ସି.ସି.ଟି.ଭି. କ୍ୟାମେରା ସ୍ଥାପନ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । କୋଚ୍‌ଗୁଡ଼ିକର ସାଧାରଣ ଗତି କ୍ଷେତ୍ରରେ କ୍ୟାମେରା ଲଗାଇବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା । ଏହିସବୁ କ୍ୟାମେରା ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବ । ବିଶେଷକରି

ଯାତ୍ରୀଙ୍କ ଗୋପନୀୟତାକୁ ବଜାୟ ରଖିବା ସହିତ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଗତିବିଧିକୁ ନିରୀକ୍ଷଣ କରିବା ଉଦ୍ଦେଶ୍ୟରେ ସି.ସି.ଟି.ଭି. କ୍ୟାମେରା ସ୍ଥାପନ କରାଯିବ । ୭୪ ହଜାର କୋଚ୍ ସମେତ ୧୫ ହଜାର ଇଞ୍ଜିନ୍‌ରେ ସି.ସି.ଟି.ଭି. କ୍ୟାମେରାକୁ ଖଞ୍ଜାଯିବ ଏବଂ ପ୍ରତ୍ୟେକ ଇଞ୍ଜିନ୍‌ରେ ୬ଟି ସି.ସି.ଟି.ଭି. କ୍ୟାମେରା ରହିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଜେ.କେ. - ଅମରନାଥ ଯାତ୍ରା ଆକ୍ସିଡେଣ୍ଟ

ଜମ୍ମୁ-କାଶ୍ମୀରର ଦକ୍ଷିଣ କୁଲଗାମ୍ ଜିଲ୍ଲାର ଡାଚଲୁ ଅଞ୍ଚଳ ନିକଟସ୍ଥ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରେ ୩ଟି ବସ୍ ପରସ୍ପର ସହିତ ଧକ୍କା ହେବା ଫଳରେ ଅତିକମ୍‌ରେ ୧୭ ଜଣ ଅମରନାଥ ଯାତ୍ରୀ ଆହତ ହୋଇଛନ୍ତି । ଆହତମାନଙ୍କୁ କାଇମୋହ୍ ହସ୍ପିଟାଲ୍‌ରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରମାନଙ୍କୁ ଅନନ୍ତନାଗ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି । ସମସ୍ତ ଆହତ ମଧ୍ୟପ୍ରଦେଶର ବାସିନ୍ଦା ହୋଇଥିବାବେଳେ ସେମାନେ କେନ୍ଦ୍ରୀୟ କାଶ୍ମୀରର ଗନ୍ଦରବାଲ୍ ଜିଲ୍ଲା ଅନ୍ତର୍ଗତ ବାଲ୍‌ତାଲ୍ ମୂଳଶିବିରକୁ ଯାତ୍ରା କରୁଥିଲେ । କୁଲ୍‌ଗାମ୍‌ର ଏସ୍.ଏସ୍.ପି. ସାହିଲ୍ ସରଙ୍ଗାଲ୍ ଆକାଶବାଣୀ ସମ୍ବାଦ ବିଭାଗକୁ କହିଛନ୍ତି, ଗୋଟିଏ ବସ୍ ନିୟନ୍ତ୍ରଣ ହରାଇ ଅନ୍ୟ ଦୁଇଟି ବସ୍‌କୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା ।

# ଟେଷ୍ଟ କ୍ରିକେଟ୍

ଲର୍ଡସ୍‌ରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ୍‌ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସ୍ ୨ ରନ୍‌ରୁ ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଇଂଲଣ୍ଡ ଦଳ ୪ଟି ୱିକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଛି ।

ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୩୮୭ ରନ୍ କରିଥିବା ବେଳେ ଇଂଲଣ୍ଡ ମଧ୍ୟ ପ୍ରଥମ ଇନିଂସ୍‌ରେ ୩୮୭ ରନ୍ ସ୍କୋର୍ କରିଥିଲା । କେ.ଏଲ୍. ରାହୁଲ ଶତକ ସ୍କୋର କରିଥିବା ବେଳେ ରିଷଭ ପନ୍ଥ ଏବଂ ରବିନ୍ଦ୍ର ଜାଡ଼େଜା ୭୪ ଓ ୭୨ ରନ୍ କରିଥିଲେ । ପ୍ରଥମ ଦୁଇଟି ଟେଷ୍ଟ୍‌ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି ।

*****